ଓଡ଼ିଶା ରାଜ୍ୟ ଏବଂ ଅନ୍ୟଜଣେ

ବନାମ

ମେସର୍ସ ଟାଟା ଆଇରନ୍ ଆଣ୍ଡ ଷ୍ଟିଲ୍ କୋ. ଲିମିଟେଡ୍. ଏବଂ ଅନ୍ୟମାନେ

(ଦେୱାନୀ ଆବେଦନ ସଂଖ୍ୟା 653/2006)

ଫେବୃଆରୀ 4, 2008

**[ଡଃ. ଅରିଜିତ୍ ପଶାୟତ ଏବଂ ପି. ସଥାସିଭମ୍, ନ୍ୟାୟମୂର୍ତ୍ତିଦ୍ୱୟ]**

*ଭାରତର ସମ୍ବିଧାନ, 1950-ଅନୁଚ୍ଛେଦ 226:*

*ସରକାରୀ ଚୁକ୍ତିନାମା-ମୂଲ୍ୟପତ୍ର -ନ୍ୟାୟିକ ସମୀକ୍ଷା-ପରିସର -ଇଣ୍ଡଷ୍ଟ୍ରିଆଲ୍ ଡେଭଲପମେଣ୍ଟ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍ (ଆଇ ଡି ସି ଓ ଏଲ) ବୈଷୟିକ ନିଲାମ ଆମନ୍ତ୍ରଣ ପାଇଁ ବିଜ୍ଞାପନ ଜାରି କଲେ -ତିନିଜଣ ପକ୍ଷ ମଧ୍ୟରୁ ଦୁଇଜଣଙ୍କ ନିଲାମ ଆମନ୍ତ୍ରଣ ଆରମ୍ଭରୁ ପ୍ରତ୍ୟାଖ୍ୟାନ କରାଗଲା -ତୃତୀୟ ପକ୍ଷଙ୍କୁ ଚୟନ କରାଗଲା -ବିଫଳ ପକ୍ଷଙ୍କ ଦ୍ୱାରା ଆଜ୍ଞାଦେଶ ଆବେଦନ -ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅନୁମତି ଦିଆଯାଇ ଧରିନିଆଗଲା ଯେ ଯେ ମନୋନୀତ ପକ୍ଷମାନଙ୍କର ନିଲାମ ଆମନ୍ତ୍ରଣ ନିରପେକ୍ଷ ଭାବରେ ଯାଞ୍ଚ କରାଯାଇ ନାହିଁ-ଆବେଦନ ଉପରେ ନିର୍ଣ୍ଣୟ ନିଆଗଲା :ଉଚ୍ଚ ନ୍ୟାୟାଳୟ ବାହ୍ୟ ପ୍ରମାଣ ଉପରେ ନିର୍ଭର କଲେ ଏବଂ ଭିତ୍ତିହୀନ ସିଦ୍ଧାନ୍ତରେ ପହଞ୍ଚିଲେ-ତେଣୁ, ମାମଲାଟି ଉଚ୍ଚ ନ୍ୟାୟାଳୟକୁ ପୁନର୍ବାର ପଠାଯିବା ଉଚିତ ଥାନ୍ତା-କିନ୍ତୁ ବିଜ୍ଞାପନଟି 5 ବର୍ଷ ପୂର୍ବରୁ ଜାରି କରାଯାଇଥିଲା ଏବଂ ନଥିରେ ଥିବା ପ୍ରମାଣ ଆଧାରରେ, ଆବେଦନଗୁଡ଼ିକର ଉପଯୁକ୍ତ ନିର୍ଦ୍ଦେଶ ସହିତ ସମାଧାନ କରାଗଲା-ନିର୍ଦ୍ଦେଶନାମା ଜାରି କରାଗଲା ଯେ ସମସ୍ତ ତିନି ପକ୍ଷର ବୈଷୟିକ ନିଲାମ ଆମନ୍ତ୍ରଣକୁ ବୈଧ ଭାବରେ ବିବେଚନା କରାଯିବ-ପକ୍ଷ ମାନଙ୍କୁ ସଂଶୋଧିତ ଆର୍ଥିକ ନିଲାମ ଆମନ୍ତ୍ରଣ ଦାଖଲ କରିବାକୁ ଅନୁମତି ଦିଆଗଲା-ବିଜ୍ଞାପନର ବୈଶିଷ୍ଟ୍ୟ, ଏନଆଇଟି ଏବଂ ରାଜ୍ୟର ସର୍ବୋତ୍ତମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବୈଷୟିକ ନିଲାମ ଆମନ୍ତ୍ରଣ ଏବଂ ଆର୍ଥିକ ନିଲାମ ଆମନ୍ତ୍ରଣକୁ ଆଇ ଡି ସି ଓ ଏଲ ଙ୍କର ପ୍ରାଧିକୃତ କମିଟି ବିଚାର କରିବେ- ଅଧିକାରୀମାନଙ୍କର ମନ୍ଦ ଉଦ୍ଦେଶ୍ୟ ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା ପର୍ଯ୍ୟବେକ୍ଷଣ ଓ ସିଦ୍ଧାନ୍ତ ଏବଂ ସେମାନଙ୍କ ଆରୋପିତ ପକ୍ଷପାତିତାକୁ ପ୍ରତ୍ୟାଖ୍ୟାନ କରାଗଲା ।*

**ଇଣ୍ଡଷ୍ଟ୍ରିଆଲ୍ ଡେଭଲପମେଣ୍ଟ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍ (ଆଇ ଡି ସି ଓ ଏଲ୍) ଯୁଗ୍ମ ଉଦ୍ୟୋଗରେ କ୍ରୋମାଇଟ୍ ଜମା ପ୍ରକଳ୍ପର ବିକାଶ ପାଇଁ ବୈଷୟିକ ନିଲାମ ଆମନ୍ତ୍ରଣ କରି ବିଜ୍ଞାପନ ଜାରି**

କଲେ । ତିନୋଟି ପକ୍ଷମାନଙ୍କ ମଧ୍ୟରୁ ଦୁଇଟି ପକ୍ଷ ଯଥା ଭିସା ଏବଂ ଟିସ୍କୋର ନିଲାମ ଆମନ୍ତ୍ରଣ ଆରମ୍ଭରୁ ପ୍ରତ୍ୟାଖ୍ୟାନ କରାଗଲା । ତୃତୀୟ ପକ୍ଷ, ଯଥା ଜିନ୍ଦଲଙ୍କୁ ଚୟନ କରାଗଲା । ଭିସା ଏବଂ ଟିସ୍କୋ ଉଚ୍ଚ ନ୍ୟାୟାଳୟ ରେ ଆଜ୍ଞାଦେଶ ଆବେଦନ ଦାଖଲ କଲେ ଯାହାକୁ ବିଚାର କରି ଅନୁମତି ଦେଲେ ଯେ ଜିନ୍ଦଲଙ୍କ ନିଲାମ ଆମନ୍ତ୍ରଣ ନିରପେକ୍ଷ ଭାବରେ ତର୍ଜମା କରାଯାଇ ନାହିଁ ଏବଂ ତିନୋଟି ପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ନିଲାମ ଆମନ୍ତ୍ରଣ ମଧ୍ୟରୁ କେଉଁଟି ଜନସ୍ୱାର୍ଥ ଏବଂ ରାଜକୋଷ ପ୍ରସଙ୍ଗରେ ରାଜ୍ୟ ପାଇଁ ସର୍ବାଧିକ ହିତକର ତାହା ଜାଣିବାକୁ କୌଣସି ପ୍ରୟାସ କରାଗଲା ନାହିଁ । ରାଜ୍ୟର ଅଧିକାରୀମାନେ ଏବଂ ଆଇ ଡି ସି ଓ ଏଲ ର ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇବା ପରେ, ନ୍ୟାୟିକ ସମୀକ୍ଷା କ୍ଷମତା ପ୍ରୟୋଗ କରି ନ୍ୟାୟାଳୟ ଜିନ୍ଦଲଙ୍କୁ ଚୟନ କରିବାରେ ଆଇ ଡି ସି ଓ ଏଲ ର ନିଷ୍ପତିକୁ ରଦ୍ଦ କଲେ ।

ଆବେଦନକାରୀମାନଙ୍କ ଯୁକ୍ତି ହେଉଛି ଯେ ଉଚ୍ଚ ନ୍ୟାୟାଳୟ ସେହି ପ୍ରସଙ୍ଗରେ କୌଣସି ଯୁକ୍ତି ନଥାଇ ବିଭିନ୍ନ ଅପ୍ରାସଙ୍ଗିକ ଏବଂ ବାହ୍ୟ ପ୍ରମାଣକୁ ବିଚାରକୁ ନେଲେ ଏବଂ ଯଦି ଜିନ୍ଦଲଙ୍କର ନିଲାମ ଆମନ୍ତ୍ରଣକୁ ଗ୍ରହଣ କରାଯାଏ ତ୍ରୁଟିପୂର୍ଣ୍ଣ ଭାବରେ ଦୁରଭିସନ୍ଧି ଏବଂ ରାଜସ୍ୱ କ୍ଷତି ହେବ ବୋଲି ଅନୁମାନ କଲେ ।

ଆବେଦନଗୁଡ଼ିକର ସମାଧାନ କରି, ନ୍ୟାୟାଳୟ

ନିର୍ଣ୍ଣୟ ନେଲେ : **1.** ଉଚ୍ଚ ନ୍ୟାୟାଳୟଙ୍କର କେତେକ ସିଦ୍ଧାନ୍ତ ସ୍ପଷ୍ଟ ଭାବେ ଅସମର୍ଥନୀୟ । ଜିନ୍ଦଲଙ୍କ ମତରେ ପକ୍ଷପାତିତା ସମ୍ବନ୍ଧୀୟ ପର୍ଯ୍ୟବେକ୍ଷଣଗୁଡ଼ିକ ସ୍ପଷ୍ଟ ଭାବେ ଭିତ୍ତିହୀନ ।

**2.** କେବଳ ଏହି କାରଣ ହେତୁ ଯେ ଉଚ୍ଚ ନ୍ୟାୟାଳୟ ବାହ୍ୟ ପ୍ରମାଣ ଉପରେ ନିର୍ଭର କଲେ ଏବଂ ଭିତ୍ତିହୀନ ସିଦ୍ଧାନ୍ତରେ ଉପନୀତ ହେଲେ, ସାଧାରଣ ଭାବରେ ଏହି ନ୍ୟାୟାଳୟ ଏହି ଆଦେଶ ରଦ୍ଦକରିଥାନ୍ତେ ଏବଂ ଉଚ୍ଚ ନ୍ୟାୟାଳୟଙ୍କୁ ଏହି ପ୍ରସଙ୍ଗରେ ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇଥାନ୍ତେ । କିନ୍ତୁ ସମୟ ଅତିକ୍ରାନ୍ତ ଏବଂ ବିଶେଷ କରି ବିଜ୍ଞାପନଟି **2002** ମସିହାରେ ଜାରି କରାଯାଇଥିଲା ଏବଂ ନଥିରେ ଥିବା ପ୍ରମାଣ ଭିତ୍ତିରେ ଆବେଦନଗୁଡ଼ିକର ନିମ୍ନଲିଖିତ ସର୍ତ୍ତାବଳୀ ଆଧାରରେ ସମାଧାନ କରାଯାଉଛି:

**a.** ଏହା ବିବେଚନା କରାଯିବ ଯେ ସମସ୍ତ ତିନିପକ୍ଷମାନଙ୍କର ବୈଷୟିକ ନିଲାମ ଆମନ୍ତ୍ରଣ ବୈଧ;

**b.** ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ଆର୍ଥିକ ନିଲାମ ଆମନ୍ତ୍ରଣ ଦାଖଲ କରାଯାଇଥିଲା, ତିନି ସପ୍ତାହ ମଧ୍ୟରେ ସଂଶୋଧିତ ଆର୍ଥିକ ନିଲାମ ଆମନ୍ତ୍ରଣ ଦାଖଲ କରିବାକୁ ପକ୍ଷମାନଙ୍କୁ ଅନୁମତି ଦେବା ଉପଯୁକ୍ତ ହେବ ଏବଂ;

**c. ଆଇ ଡି ସି ଓ ଏଲ୍ ର ଉପଯୁକ୍ତ ଏବଂ ପ୍ରାଧିକୃତ କମିଟି ବିଜ୍ଞାପନର ମାନଦଣ୍ଡ, ଏନ୍ ଆଇ ଟି ଏବଂ ରାଜ୍ୟର ସର୍ବୋତ୍ତମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବୈଷୟିକ ନିଲାମ ଆମନ୍ତ୍ରଣ ଏବଂ ଆର୍ଥିକ ନିଲାମ ଅମନ୍ତ୍ରଣକୁ ବିଚାର କରିବେ ।**

**3. ଅଧିକାରୀମାନଙ୍କ ମନ୍ଦ ଉଦ୍ଦେଶ୍ୟ ଏବଂ ସେମାନଙ୍କ ଆରୋପିତ ପକ୍ଷପାତିତା ବିଷୟରେ ପର୍ଯ୍ୟବେକ୍ଷଣ ଏବଂ ସିଦ୍ଧାନ୍ତଗୁଡିକୁ ବାତିଲ କରାଗଲା ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 653/2006

କଟକସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ର 18.11.2004 ତାରିଖର ଡବ୍ଲୁ. ପି. (ସି) ସଂଖ୍ୟା 6798/2004 ର ଅନ୍ତିମ ରାୟ ଏବଂ ଆଦେଶରୁ

ସହିତ

·ଦେୱାନୀ ଆବେଦନ ସଂଖ୍ୟାଗୁଡିକ 654,655,671,672 ଏବଂ 673/2006 ।

ସଲିସିଟର ଜେନେରାଲ ଜି. ଇ. ଭାହାନଭତି, ଆଡଭୋକେଟ ଜେନେରାଲ (ଓଡ଼ିଶା) ବି. କେ. ମହାନ୍ତି, ଅରୁନ ଜେଟଲୀ, କେ. କେ. ଭେନୁଗୋପାଲ, ଡଃ. ଏ. ଏମ. ସିଂହଭି, ଶ୍ୟାମ ଦିଭାନ, ଶାନ୍ତି ଭୂଷଣ, ଅଶୋକ ପରିଜା, ଟି. ଆର. ଅନ୍ଧିଆରୁଜିନା, ଆର. ଏଫ. ନରିମାନ, ରଜତ ରଥ, ସୁମନ କୁକରେଟି, ରାଜ କୁମାର ମେହେତା, ରିଷି ମାହେଶ୍ୱରୀ, ପି. ଏସ. ସୁଧିର, ଆନ୍ନେ ମାଥ୍ୟୁ, ଶାଲି ଭାସିନ ମାହେଶ୍ୱରୀ, ସଂଜୀବ କେ. କାପୁର, ଭିଶାଲ ଗୁପ୍ତା, ବିକ୍ରମ ବଜାଜ, କୁମାର ମିହିର, ଅବିନାଶ ମେନନ (ମେସର୍ସ ଖଇତାନ ଆଣ୍ଡ କୋ ପାଇଁ), ଆର. ଏନ. କରନଜାୱଲା, ଗୋପାଲ ଜୈନ, ଅଖିଲ ଶିବଲ, ନନ୍ଦିନୀ ଗୋରେ, ପ୍ରାଚୀ ଗୋୟେଲ ଏବଂ ମାଣିକ କରନଜାୱଲା ଉପସ୍ଥିତ ପକ୍ଷମାନଙ୍କ ପାଇଁ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ଡଃ. ଅରିଜିତ୍ ପଶାୟତଙ୍କ ଦ୍ୱାରା** 1. ଭିସା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ସଂକ୍ଷେପରେ 'ଭିସା') ଏବଂ ଅନ୍ୟଟି ( ଆଜ୍ଞାଦେଶ ଆବେଦନ (ସି) ସଂଖ୍ୟା 5128/2004) ଏବଂ ମେସର୍ସ ଟାଟା ଆଇରନ୍ ଆଣ୍ଡ ଷ୍ଟିଲ୍ କୋ. ଲିମିଟେଡ୍ (ସଂକ୍ଷେପରେ 'ଟିସ୍କୋ') (2004 ର ଆଜ୍ଞାଦେଶ ଆବେଦନ (ସି) ସଂଖ୍ୟା 6798/2004) ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ଏକ ଦୁଇଜଣିଆ ଖଣ୍ଡପୀଠଙ୍କର ରାୟ ବିରୁଦ୍ଧରେ ଆପତ୍ତିକରି ଆବେଦନଗୁଡିକ । ଆକ୍ଷେପିତ ରାୟ ଦ୍ୱାରା ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଲେ ଯେ ସମ୍ପୃକ୍ତ ବିଜ୍ଞାପନରେ ଦିଆଯାଇଥିବା ଯୋଗ୍ୟତା ସର୍ତ୍ତ ଅନୁଯାୟୀ ଉପଯୁକ୍ତ ତର୍ଜମା ବିନା ଭିସା ଏବଂ ଟିସକୋର ବୈଷୟିକ ନିଲାମ

ଆମନ୍ତ୍ରଣ ଆରମ୍ଭରୁ  ପ୍ରତ୍ୟାଖ୍ୟାନ ହୋଇପାରିନଥାନ୍ତା । ଏହା ମଧ୍ୟ ନିର୍ଣ୍ଣୟ ନିଆଗଲା ଯେ ଜିନ୍ଦଲ ଷ୍ଟ୍ରିପ୍ ଲିମିଟେଡ୍ (ସଂକ୍ଷେପରେ 'ଜିନ୍ଦଲଙ୍କର') ନିଲାମ ଆମନ୍ତ୍ରଣ କେବେ ବି ଭାବାବେଗଶୂନ୍ୟ  ଏବଂ ନିରପେକ୍ଷ ଢଙ୍ଗରେ ତର୍ଜମା କରାଗଲାନାହିଁ । ଲୋକହିତ ଏବଂ  ରାଜକୋଷ ଦୃଷ୍ଟିରୁ ଏହି ତିନୋଟି ପକ୍ଷମାନଙ୍କ ଦ୍ୱାରା ଦିଆଯାଇଥିବା ନିଲାମ ମଧ୍ୟରୁ କେଉଁଟି ରାଜ୍ୟକୁ ସର୍ବାଧିକ ଲାଭ ଦେବ ତାହା ଜାଣିବାକୁ କୌଣସି ପ୍ରୟାସ କରାଗଲା ନାହିଁ । ରାଜ୍ୟ ଏବଂ ଇଣ୍ଡଷ୍ଟ୍ରିଆଲ୍ ଡେଭଲପମେଣ୍ଟ କର୍ପୋରେସନ ଅଫ ଓଡ଼ିଶା ଲିମିଟେଡ (ସଂକ୍ଷେପରେ 'ଆଇ ଡି ସି ଓ ଏଲ') ର ଅଧିକାରୀମାନଙ୍କ ସଚ୍ଚୋଟତା  ଉପରେ ପ୍ରଶ୍ନ ଉଠାଇ ଅନ୍ୟ କେତେକ ପର୍ଯ୍ୟବେକ୍ଷଣ କରାଗଲା । ଏହା ନିର୍ଣ୍ଣୟ ନିଆଗଲା ଯେ ନ୍ୟାୟିକ ସମୀକ୍ଷା କ୍ଷମତାକୁ  ପ୍ରୟୋଗ କରାଯିବ କାରଣ ପ୍ରଶ୍ନରେ ଥିବା ପ୍ରକଳ୍ପ ପାଇଁ ଜିନ୍ଦଲଙ୍କୁ ଏକ ଯୁଗ୍ମ ଉଦ୍ୟୋଗ ଅଂଶୀଦାର ଭାବରେ ସଠିକରୂପେ  ଚୟନ କରାଗଲାନାହିଁ । ତେଣୁ ଜିନ୍ଦଲଙ୍କୁ ଚୟନ କରିବା ପାଇଁ ଆଇ ଡି ସି ଓ ଏଲ ର ନିଷ୍ପତିକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ଏହାକୁ ରଦ୍ଦ  କରାଗଲା ।

2. ଏହା ଉଲ୍ଲେଖ କରାଗଲା ଯେ ଏହି ପ୍ରସଙ୍ଗକୁ ସଦ୍ୟ ତର୍ଜମା ଏବଂ ସମ୍ପୃକ୍ତ ପକ୍ଷଙ୍କ ନିଲାମ ଆମନ୍ତ୍ରଣ ଉପରେ ଯୋଗ୍ୟତା ବିଚାର ପାଇଁ ଆଇ ଡି ସି ଓ ଏଲ କୁ ପଠାଯାଇ ପାରିଥାନ୍ତା, କିନ୍ତୁ ଏହା ଉପଯୁକ୍ତ ବୋଲି ବିବେଚନା କରାଗଲାନାହିଁ । ଏହା ମଧ୍ୟ ଉଲ୍ଲେଖ କରାଗଲା ଯେ ଜିନ୍ଦଲ ନିଷ୍କଳଙ୍କ  ଇସ୍ପାତ ଶିଳ୍ପ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲେ ଯାହାକୁ ମିଳିତ ଉଦ୍ୟୋଗ ଅଂଶୀଦାରଙ୍କ ପ୍ରଶ୍ନ ସ୍ଥିର କରିବା ସମୟରେ ଏକ ପ୍ରାସଙ୍ଗିକ କାରକ ଭାବରେ ବିବେଚନା କରାଯାଇପାରିନଥାନ୍ତା । ତେବେ ଆଇ ଡି ସି ଓ ଏଲ କୁ ଏକ ନୂଆ ବିଜ୍ଞାପନ ଜାରି କରିବାର ସୁଯୋଗ ଦିଆଗଲା, ଯେଉଁଥିରେ ସ୍ପଷ୍ଟ ଭାବେ ପ୍ରସ୍ତାବ ରଖାଗଲା ଯେ ସେ ରାଜ୍ୟରେ ନିଷ୍କଳଙ୍କ ଇସ୍ପାତ ଶିଳ୍ପ ନା ଅନ୍ୟ କୌଣସି ଉଦ୍ୟୋଗରେ, ଯେଉଁଠି କ୍ରୋମ ଏକ ଉପାଦାନ ଭାବେ ବ୍ୟବହାର କରାଯାଇପାରିବ ସେହିପରି ଶିଳ୍ପ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି  ।

3. ବିଭିନ୍ନ ପକ୍ଷମାନଙ୍କ ଦ୍ୱାରା ଦିଆଯାଇଥିବା ବୈଷୟିକ ନିଲାମ ଆମନ୍ତ୍ରଣ ରେକର୍ଡରେ ରହିଛି । ପ୍ରସ୍ତାବ ଗ୍ରହଣ କରିବାର ଶେଷ ତାରିଖ ସୁଦ୍ଧା, ଚାରୋଟି ପକ୍ଷ ସେମାନଙ୍କ ପ୍ରସ୍ତାବ ଦାଖଲ କଲେ କିନ୍ତୁ ପରେ ଜିନ୍ଦଲ ଷ୍ଟିଲ ପାୱାର ଲିମିଟେଡ ଆଗକୁ ବଢିବାକୁ ଚାହୁଁନଥିଲେ ।

4. ଓଡ଼ିଶା ରାଜ୍ୟ, ଆଇ ଡି ସି ଓ ଏଲ ଏବଂ ଜିନ୍ଦଲଙ୍କ ଦ୍ୱାରା ଦାଖଲ କରାଯାଇଥିବା ସ୍ୱତନ୍ତ୍ର ଅନୁମତି ଆବେଦନରୁ ବର୍ତ୍ତମାନର ଏହି ଆବେଦନମାନ ।

5. ବିଦ୍ୱାନ ସଲିସିଟର ଜେନେରାଲ ଶ୍ରୀଯୁକ୍ତ ଜି. ଇ. ଭାହାନଭତୀଙ୍କ ପ୍ରାଥମିକ ଯୁକ୍ତି ହେଉଛି ଯେ ଉଚ୍ଚ ନ୍ୟାୟାଳୟଙ୍କର ଆଭିମୁଖ୍ୟ ସ୍ପଷ୍ଟ ଭାବରେ ତ୍ରୁଟିପୂର୍ଣ୍ଣ  ଅଟେ । ଏପରିକି ଏହି ପ୍ରସଙ୍ଗରେ କୌଣସି ଯୁକ୍ତି

ନଥାଇ ଏହା ବିଭିନ୍ନ ଅପ୍ରାସଙ୍ଗିକ ଏବଂ ବାହ୍ୟ ପ୍ରମାଣକୁ ଦୃଷ୍ଟିକୁ ନେଇଛନ୍ତି । ଯଦି ଜିନ୍ଦଲଙ୍କ ନିଲାମ ଆମନ୍ତ୍ରଣକୁ ଗ୍ରହଣ କରାଯାଏ, ତେବେ ଏହା ଦୁରଭିସନ୍ଧି, ରାଜସ୍ୱ ହାନି କରାଇବ ବୋଲି ସେ ଅନୁମାନ କରିଛନ୍ତି । ଏହା କଳ୍ପନା ଯୋଗ୍ୟ ନୁହେଁ ଯେ କେଉଁ ଆଧାରରେ, ତାହା ମଧ୍ୟ କୌଣସି ଭୌତିକ ମୂଳଦୁଆ ବିନା, ସେ ସିଦ୍ଧାନ୍ତରେ ପହଞ୍ଚିଲେ । ଜିନ୍ଦଲଙ୍କ ଉପସ୍ଥାପନା ରେ ମଧ୍ୟ ସମାନ ପ୍ରଭାବ ଅଛି । ଉଲ୍ଲେଖଯୋଗ୍ୟ ଯେ ଜିନ୍ଦଲ ଷ୍ଟିଲ ଲିମିଟେଡ୍ ବର୍ତ୍ତମାନ ଜିନ୍ଦଲ ଷ୍ଟେନଲେଶ ଷ୍ଟିଲ ଲିମିଟେଡ୍ ଭାବରେ ଜଣାଶୁଣା । ତେବେ ସୁବିଧା ଦୃଷ୍ଟିରୁ ଏହି ରାୟରେ ଏହାକୁ 'ଜିନ୍ଦଲ "ଭାବେ ବର୍ଣ୍ଣନା କରାଯିବ ।

6. ଆଇ ଡି ସି ଓ ଏଲ ପାଇଁ ବିଦ୍ୱାନ ଅଧିବକ୍ତାଙ୍କ ନିବେଦନରେ ଅନୁରୂପ ପ୍ରଭାବ ରହିଛି ।

7. ଉଚ୍ଚ ନ୍ୟାୟାଳୟଙ୍କର ରାୟ ଶୃଙ୍ଖଳାରେ ଅଛି ବୋଲି ଟିସକୋ ଏବଂ ଭିସା ପାଇଁ ବିଦ୍ୱାନ ଅଧିବକ୍ତା ଉପସ୍ଥାପନ କଲେ । ନ୍ୟାୟିକ ସମୀକ୍ଷା ମାନଦଣ୍ଡକୁ ବିଚାରକୁ ନେଲେ ଏହା ସ୍ପଷ୍ଟ ଯେ ସରକାର ମାମଲାର ତଥ୍ୟ ଉପରେ ଧ୍ୟାନ ନଦେଇ ଅତି ଯାନ୍ତ୍ରିକ ଢଙ୍ଗରେ ଅନୁମୋଦନ ପ୍ରଦାନ କଲେ । ଉଚ୍ଚ ନ୍ୟାୟାଳୟଙ୍କର ଯଥାର୍ଥ ରାୟ ଅନୁଯାୟୀ ଏହା ଉପସ୍ଥାପନ କରାଗଲା ଯେ ଜିନ୍ଦଲ ଆବଶ୍ୟକୀୟ ମାନଦଣ୍ଡ ପୂରଣ କଲେ ନହିଁ ଏବଂ ତେଣୁ ତାଙ୍କର ନିଲାମ ଆମନ୍ତ୍ରଣକୁ ଗ୍ରହଣ କରାଗଲାନାହିଁ ।

8. ଟିସ୍କୋ ପାଇଁ ବିଦ୍ୱାନ ଅଧିବକ୍ତାଙ୍କ ଦ୍ୱାରା ଗୁରୁତ୍ୱାରୋପ କରାଯାଇଥିବା କାରଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ସୂଚନା ପୁସ୍ତିକା ଏବଂ ଏନଆଇଟି "ମୂଲ୍ୟ ସଂଯୋଜନ" ପରି କିଛି ଅନିର୍ଦ୍ଦିଷ୍ଟ ଅଭିବ୍ୟକ୍ତି ବିଷୟରେ ଉଲ୍ଲେଖ କଲେ । ଏପରି ଏକ ଅନିର୍ଦ୍ଦିଷ୍ଟକାଳୀନ ସର୍ତ୍ତକୁ ଦୃଷ୍ଟିରେ ରଖି ଟିସ୍କୋ ଏବଂ ଭିସା ଦ୍ୱାରା ଦାଖଲ ହୋଇଥିବା ନିଲାମ ଆମନ୍ତ୍ରଣକୁ ଆରମ୍ଭରୁ ପ୍ରତ୍ୟାଖ୍ୟାନ କରାଯାଇପାରିନଥାନ୍ତା ଏବଂ ତେଣୁ ଉଚ୍ଚ ନ୍ୟାୟାଳୟ ସଠିକଭାବେ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିଛନ୍ତି ।

9. ଏହି ପରିସ୍ଥିତିରେ, ମିଳିତ ଉଦ୍ୟୋଗରେ ଟାଙ୍ଗରପଡା କ୍ରୋମାଇଟ ଡିପୋଜିଟର ବିକାଶ ପାଇଁ ମିଳିଥିବା ପ୍ରସ୍ତାବଗୁଡ଼ିକର ତର୍ଜମା ପାଇଁ ଗଠିତ ବୈଷୟିକ କମିଟିର ସୁପାରିସକୁ ଉଦ୍ଧୃତ କରିବା ପ୍ରାସଙ୍ଗିକ ହେବ, ଯାହା ନିମ୍ନରେ ଦିଆଗଲା:

> " ଯୁଗ୍ମ ଉଦ୍ୟୋଗରେ ଟାଙ୍ଗରପଡା କ୍ରୋମାଇଟ ଡିପୋଜିଟର ବିକାଶ ପାଇଁ ମିଳିଥିବା ପ୍ରସ୍ତାବଗୁଡ଼ିକର ତର୍ଜମା ପାଇଁ ଗଠିତ ବୈଷୟିକ କମିଟିର ସୁପାରିଶ

ମିଳିତ ଉଦ୍ୟୋଗରେ ଟାଙ୍ଗରପଡା କ୍ରୋମାଇଟ ଡିପୋଜିଟର ବିକାଶ ପାଇଁ ଚାରୋଟି ପକ୍ଷମାନଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଗଲା, ଯଥା:

1. ଟାଟା ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ଲିମିଟେଡ୍;

2. ଜିନ୍ଦଲ ଷ୍ଟ୍ରିପ୍ସ ଲିମିଟେଡ;

3. ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ; ଏବଂ

4. ଭିସା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍

ବନ୍ଦଥିବା ପ୍ରସ୍ତାବଗୁଡିକୁ ଖୋଲିବା ପୂର୍ବରୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ( ପ୍ରସ୍ତାବଗୁଡିକ ମଧ୍ୟରୁ ଗୋଟିଏ ) ତାଙ୍କର ପ୍ରସ୍ତାବ ପ୍ରତ୍ୟାହାର କରିନେଲେ । 2002 ମସିହା ଡିସେମ୍ବର 9 ତାରିଖରେ ସମ୍ପୃକ୍ତ ପକ୍ଷମାନଙ୍କ ଉପସ୍ଥିତିରେ କମିଟି ଦ୍ୱାରା ଅନ୍ୟ ତିନୋଟି ପକ୍ଷ ମାନଙ୍କର ବୈଷୟିକ ନିଲାମ ଆମନ୍ତ୍ରଣଗୁଡିକୁ ଖୋଲାଗଲା । ପ୍ରତ୍ୟେକ ପକ୍ଷ ସେହି ଦିନ ବୈଷୟିକ କମିଟି ସମ୍ମୁଖରେ ସେମାନଙ୍କ ମାମଲା ଉପସ୍ଥାପନ କଲେ ।"

10. ଏଠାରେ କୁହାଯାଇପାରେ ଯେ ଉଚ୍ଚ ନ୍ୟାୟାଳୟଙ୍କର କେତେକ ସିଦ୍ଧାନ୍ତ ସ୍ପଷ୍ଟ ଭାବେ ଅସମର୍ଥନୀୟ । ଜିନ୍ଦଲଙ୍କ ସପକ୍ଷରେ ପକ୍ଷପାତିତା ସମ୍ବନ୍ଧୀୟ ପର୍ଯ୍ୟବେକ୍ଷଣଗୁଡ଼ିକ ସ୍ପଷ୍ଟ ଭାବେ ଭିତ୍ତିହୀନ ।

11. କେବଳ ଏହି କାରଣ ହେତୁ ଯେ ଉଚ୍ଚ ନ୍ୟାୟାଳୟ ବାହ୍ୟ ପ୍ରମାଣ ଉପରେ ନିର୍ଭର କଲେ ଏବଂ ଭିତ୍ତିହୀନ ସିଦ୍ଧାନ୍ତରେ ଉପନୀତ ହେଲେ, ସାଧାରଣ ଭାବରେ ଆମେ ଏହି ଆଦେଶ ରଦ୍ଦ କରିଥାନ୍ତୁ ଏବଂ ଉଚ୍ଚ ନ୍ୟାୟାଳୟଙ୍କୁ ଏହି ପ୍ରସଙ୍ଗରେ ପୁନର୍ବିଚାର କରିବାକୁ କହିଥାନ୍ତୁ । କିନ୍ତୁ ସମୟ ଅତିକ୍ରାନ୍ତ ଏବଂ ବିଶେଷ କରି 2002 ମସିହାରେ ବିଜ୍ଞାପନ ଜାରି ହେବା ଏବଂ ନଥିରେ ଥିବା ପ୍ରମାଣ ଭିତ୍ତିରେ, ଆମେ ନିମ୍ନଲିଖିତ ସର୍ତ୍ତାବଳୀ ଆଧାରରେ ଆବେଦନଗୁଡ଼ିକର ସମାଧାନ କରୁ:

1. ଏହା ବିବେଚନା କରାଯିବ ଯେ ସମସ୍ତ ତିନୋଟି ପକ୍ଷମାନଙ୍କର ବୈଷୟିକ ନିଲାମ ଆମନ୍ତ୍ରଣ ବୈଧ ।

2. ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ଆର୍ଥିକ ନିଲାମ ଆମନ୍ତ୍ରଣ ଦାଖଲ କରାଯାଇଥିଲା, ପକ୍ଷମାନଙ୍କୁ ତିନି ସପ୍ତାହ ମଧ୍ୟରେ ସଂଶୋଧିତ ଆର୍ଥିକ ନିଲାମ ଆମନ୍ତ୍ରଣ ଦାଖଲ କରିବାକୁ ଅନୁମତି ଦେବା ଉପଯୁକ୍ତ ହେବ ।

3. ଆଇ ଡି ସି ଓ ଏଲ୍ ର ଉପଯୁକ୍ତ ଏବଂ ପ୍ରାଧିକୃତ କମିଟି ବିଜ୍ଞାପନର ମାନଦଣ୍ଡ, ଏନ୍ ଆଇ ଟି ଏବଂ ରାଜ୍ୟର ସର୍ବୋତ୍ତମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବୈଷୟିକ ନିଲାମ ଆମନ୍ତ୍ରଣ ଏବଂ ଆର୍ଥିକ ନିଲାମ ଆମନ୍ତ୍ରଣକୁ ବିଚାର କରିବେ ।

12. ଏହା କହିବା ଅନାବଶ୍ୟକ ଯେ ନିଲାମ ଡାକ ଯାଞ୍ଚ କରୁଥିବା କମିଟି ସମସ୍ତ ପ୍ରାସଙ୍ଗିକ ବିଷୟ ଉପରେ ଦୃଷ୍ଟିଗୋଚର କରିବେ । ଯଦି ଏହା ଉପଯୁକ୍ତ ବୋଲି ବିବେଚନା କରାଯାଏ ଏବଂ ରାଜ୍ୟର ସ୍ୱାର୍ଥରେ, ପକ୍ଷମାନଙ୍କ ସହିତ ଆଲୋଚନା କରିବା ନିମିତ୍ତ ରାଜ୍ୟ ସରକାରଙ୍କ ପାଇଁ ଦ୍ୱାର ଖୋଲା ରହିବ ଯାହା ଦ୍ୱାରା ରାଜ୍ୟରେ ରାଜସ୍ୱ ସୃଷ୍ଟି ହେବ ଏବଂ ସମ୍ପୃକ୍ତ କ୍ଷେତ୍ରଗୁଡିକରେ ରାଜ୍ୟର ସାମଗ୍ରିକ ବିକାଶ ସମେତ ରାଜ୍ୟର ସର୍ବୋତ୍ତମ ସ୍ୱାର୍ଥ ହାସଲ କରାଯାଇପାରିବ ।

13. ଯେହେତୁ ଏହି ମାମଲା ଦୀର୍ଘ ଦିନ ଧରି ବିଚାରାଧୀନ ରହିଛି, ରାଜ୍ୟ ସରକାରଙ୍କ ପାଇଁ ଏହା ସୁନିଶ୍ଚିତ କରିବା ବାଞ୍ଛନୀୟ ହେବ ଯେ ପୂର୍ବରୁ ନିର୍ଦ୍ଦେଶ ଅନୁଯାୟୀ ତିନି ସପ୍ତାହ ମଧ୍ୟରେ ଦାଖଲ ହେବାକୁ ଥିବା ବୈଷୟିକ ନିଲାମ ଆମନ୍ତ୍ରଣ ଏବଂ ସଂଶୋଧିତ ଆର୍ଥିକ ନିଲାମ ଆମନ୍ତ୍ରଣକୁ ତର୍ଜମା କରାଯିବ ଏବଂ ଜୁନ୍, 2008 ଶେଷ ସୁଦ୍ଧା ନିଆଯାଇଥିବା ନିର୍ଣ୍ଣୟ ବିଷୟରେ ଅବଗତ କରାଯିବ । ଅଧିକାରୀଙ୍କମାନଙ୍କ ମନ୍ଦଉଦ୍ଦେଶ୍ୟ ଏବଂ ସେମାନଙ୍କ ଆରୋପିତ ପକ୍ଷପାତିତା ବିଷୟରେ ପର୍ଯ୍ୟବେକ୍ଷଣ ଏବଂ ସିଦ୍ଧାନ୍ତକୁ ବାତିଲ କରାଗଲା ।

14. ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଉପରୋକ୍ତ ପରିସର ପର୍ଯ୍ୟନ୍ତ ଆବେଦନଗୁଡ଼ିକୁ ଅନୁମତି ଦିଆଗଲା ।

ବି. ବି. ବି. ଆବେଦନଗୁଡ଼ିକୁ ସମାଧାନ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି,
ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।